# କୃଷି ସୂଚନା ସେବା (ଧାନ)

## ଭା.କୃ.ଅନୁ.ପ-ଜାତୀୟ ଧାନ ଗବେଷଣା ଅନୁଷ୍ଠାନ, କଟକ-୭୫୩୦୦୬

**୨୦୧୯ ମସିହା ଡିସେମ୍ବର ମାସ ପ୍ରଥମ ପକ୍ଷ ପାଇଁ କାର୍ଯ୍ୟପନ୍ଥା :**

- ଧାନକେଣ୍ଡାରେ ଶତକଡା ୮୦ ଭାଗ ଧାନ ପାଚିଗଲେ, ଧାନ କାଟି ଦେବା ଉଚିତ୍ । ଧାନ ଅମଳ ପରେ ଧାନକୁ ଭଲଭାବରେ ଖରାରେ ଶୁଖାଇ ଦିଅନ୍ତୁ । ଧାନର କିସମ ଅନୁସାରେ ଧାନକୁ ଅଲଗା ଅଲଗା କରି ବଜାରରେ ମିଳୁଥିବା ସୁପର ଗ୍ରେନ୍ ବସ୍ତାରେ ରଖିଲେ ବଜାରରେ ଭଲ ମୂଲ୍ୟ ମିଳିବ ।

- ଧାନ କାଟି ବିଲରେ ଥିବା ସମୟରେ କେଣ୍ଡା କଟା ସାଁବାଳୁଆ ଦେଖା ଦେବାର ସମ୍ଭାବନା ଅଧିକ ଥାଏ । ଧାନକେଣ୍ଡାକଟା ସାଁବାଳୁଆ ଦାଉରୁ ରକ୍ଷା ପାଇବା ପାଇଁ ବିଲର ହିଡରେ ମାଲାଥିଅନ (୫%) ଗୁଣ୍ଡ ପ୍ରୟୋଗ କରନ୍ତୁ ଏବଂ ଧାନ କୁଣ୍ଡା, ଗୁଡ ଏବଂ କୀଟନାଶକ ଔଷଧ ତଥା ମାଲାଥିଅନ କିମ୍ବା ଟ୍ରାୟାଜୋଫସ୍ ଗୁଣ୍ଡର ଏକ ମିଶ୍ରଣ ପ୍ରସ୍ତୁତ କରି ଥୋପ ଭାବରେ ବିଲର ହିଡରେ ପ୍ରୟୋଗ କରିପାରିବେ ।

- ଧାନ ଅମଳ ପରେ  ସାଇତି ରଖିବା ପାଇଁ ଶତକଡା ୧୪ ଭାଗ ଜଳୀୟ ଅଂଶ ଥିବା ପର୍ଯ୍ୟନ୍ତ ଶୁଖାଇ ରଖନ୍ତୁ । ମାତ୍ର ବିହନ ପାଇଁ ରଖିବାକୁ ଥିଲେ ଶତକଡା ୧୨ ଭାଗ ଜଳୀୟ ଅଂଶ ଥିବା ପର୍ଯ୍ୟନ୍ତ ଶୁଖାଇ ରଖନ୍ତୁ ।  ସାଧରଣ ଭାବରେ ଚାଉଳ ମିଲିଂ କରିବାପାଇଁ ଶତକଡା ୧୨ ରୁ ୧୪ ଭାଗ ପର୍ଯ୍ୟନ୍ତ ଜଳୀୟ ଅଂଶ ରହିବା ଆବଶ୍ୟକ । ଚାଷୀମାନଙ୍କୁ ଉପଦେଶ ଦିଆଯାଉଛି କି ନିଜ ପାଇଁ ବିହନ ସଂଗ୍ରହ କରିବା ସମୟରେ ସାଆଁରା ରୋଗାକ୍ରାନ୍ତ ଧାନ କେଣ୍ଡାର ଧାନକୁ ବିହନ ସହିତ ମିଶାଇ ରଖିବେ ନାହିଁ ।

- ଧାନ କଟା ପରେ ବିଲରେ ଥିବା ଜଳୀୟ ଅଂଶର ବ୍ୟବହାର କରି ଶୀତଦିନିଆ ଛୋଟ ଫସଲ ଲଗାନ୍ତୁ ।

- ସାଇତା ଧାନରେ ପୋକ ଦେଖାଦେଲେ ଆଲୁମିନିୟମ୍ ଫସ୍‌ଫାଇଡ୍ ଟାବ୍‌ଲେଟ୍ ଏକ ଟନ୍ ଧାନ ପିଛା ୩ଟି ଟାବ୍‌ଲେଟ୍ (୯ ଗ୍ରାମ୍) ଦେଇ ଭଲଭାବେ ତାରପୋଲିନ୍ ଘୋଡାଇ ଦିଅନ୍ତୁ ।  ଯେପରିକି କିଛି ଫାଙ୍କା ଜାଗା ନ ରୁହେ । କୋଠରୀର ସନ୍ଧି ଜାଗା କିମ୍ବା କବାଟ ତଳ ଫାଙ୍କ ଜାଗା କାଦୁଅ କିମ୍ବା ସେଲୋଟେପ୍ ପ୍ଲାଷ୍ଟିକ୍ ଜରି ଦେଇ ଭଲରେ ବନ୍ଦ କରନ୍ତୁ, ଯେପରିକି ବାଷ୍ପ ବାହାରକୁ ନ ଆସେ । ୭ ରୁ ୧୦ ଦିନ ପର୍ଯ୍ୟନ୍ତ କୋଠାରୀ ବନ୍ଦ କରନ୍ତୁ । ଲୋକ ଚଳପ୍ରଚଳ କରୁଥିବା ଜାଗାରେ ଏଭଳି ଔଷଧ ପ୍ରୟୋଗ କରନ୍ତୁ ନାହିଁ ।

- ଡାଲୁଅ ଧାନ କରିବା ପାଇଁ  ଅଧିକ ଅମଳକ୍ଷମ ଧାନ କିସମ ଯଥା CR Dhan-୬୦୧, IR-୬୪, ଚନ୍ଦନ, ଲଲାଟ, ଉନ୍ନତ ଲଲାଟ, ନବୀନ,  MTU-୧୦୧୦, ଲୁଣାସଂକ୍ଷୀ (ଲୁଣା ଜମି ପାଇଁ) ବ୍ୟବହାର କରନ୍ତୁ । ଡାଲୁଅ ଧାନ ଚାଷ ନିମନ୍ତେ ତଳିଘରା ପ୍ରସ୍ତୁତ କରନ୍ତୁ ।